ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ବିଭାଗ
....

ସଂଖ୍ୟା 29315 ସା.ପ୍ର., ଭୁବନେଶ୍ୱର, ତାରିଖ: 22.9.89

ସମସ୍ତ ପ୍ରଶାସନ ବିଭାଗ
ସମସ୍ତ ବିଭାଗୀୟ ମୁଖ୍ୟ
ସମସ୍ତ ଜିଲ୍ଲାପାଳ

ଜିଲ୍ଲା ସ୍ତରରେ ଅଣଗେଜେଟେଡ୍ ପଦବୀ ଗୁଡିକ ପୂରଣ କରାଯିବ । ସମୟରେ ବିଭିନ୍ନ ସ୍ତରରେ ହେଉଥିବା ଅସଦାଚରଣକୁ ରୋକିବା ପାଇଁ ଏହି ବିଭାଗର ସଂକଳ୍ପ ସଂ. 21671, ତା 17.9.87 ରିଖରେ କେତେକ ନିଷ୍ପତ୍ତି କରାଯାଇଥିଲା । ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟ ଗୁଡିକରେ 4ର୍ଥ ଶ୍ରେଣୀ ପଦବୀ ପୂରଣ ପାଇଁ ପ୍ରାର୍ଥୀ ମନୋନୟନ ମଧ୍ୟ ଏହି ସଂକଳ୍ପ ଦ୍ୱାରା ପରିଚାଳିତ ହେବାକୁ ନିର୍ଦ୍ଦେଶ ଥିଲା । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତ ଅଣଗେଜେଟେଡ୍ ପଦବୀ ପାଇଁ ପ୍ରାର୍ଥୀ ମନୋନୟନ କରିବା ପ୍ରସଙ୍ଗରେ ଏହି ବିଭାଗ ତରଫରୁ ଅନ୍ୟ ଏକ ସଂକଳ୍ପ ସଂ.32538, ତା 16.11.88 ରିଖଠି ନିର୍ଗତ ହୋଇଥିବାରୁ 4ର୍ଥ ଶ୍ରେଣୀ ପଦବୀ ପୂରଣ କରିବା କ୍ଷେତ୍ରରେ କେତେକ କର୍ତ୍ତୃପକ୍ଷଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ଏହି ସନ୍ଦେହକୁ ଦୂର କରିବାକୁ ଯାଇ ଏହି ବିଭାଗ ତରଫରୁ ପରିପତ୍ର ସଂ.11752, ତା. 19.4.89 ରିଖ ଜରିଆରେ ସ୍ପଷ୍ଟ କରି ଦିଆଯାଇଥିଲା ଯେ ସମସ୍ତ ଜିଲ୍ଲା କାର୍ଯ୍ୟାଳୟ ଗୁଡିକରେ 4ର୍ଥ ଶ୍ରେଣୀ ପଦବୀ ପୂରଣ ପାଇଁ ସମ୍ପୃକ୍ତ ଜିଲ୍ଲାପାଳମାନେ ପ୍ରାର୍ଥୀ ମନୋନୟନ କରିବେ । ଏହି ମନୋନୟନ ପାଇଁ କେତେକ ପଦ୍ଧତି ଅନୁସରଣ କରିବାକୁ ମଧ୍ୟ ଏହି ପରିପତ୍ର ଜରିଆରେ ପରାମର୍ଶ ଦିଆଯାଇଥିଲା ।

ପରବର୍ତ୍ତୀ ସମୟରେ ବିଚାର କରାଗଲା ଯେ ଜିଲ୍ଲାପାଳମାନେ ଜିଲ୍ଲାର ସମସ୍ତ ଶାସନ କାର୍ଯ୍ୟ ତଥା ଆଇନ ଶୃଙ୍ଖଳା ପରିସ୍ଥିତିରେ ବ୍ୟସ୍ତ ଥାଇ 4ର୍ଥ ଶ୍ରେଣୀ ପଦବୀ ପାଇଁ ନିର୍ଦ୍ଦିଷ୍ଟ ସମୟରେ ମନୋନୟନ ପ୍ରକ୍ରିୟା ପରିଚାଳନା କରିବା ସମ୍ଭବ ହେବ ନାହିଁ ।

ସୁତରାଂ ସରକାର ଏହାକୁ ସହୃଦୟ ସହିତ ବିଚାର କରି ଏହି ବିଭାଗର ପରିପତ୍ର ସଂ.11752 ତା.19.4.89 ରିଖରେ ଆଂଶିକ ପରିବର୍ତ୍ତନ କରିବା ସଂଗେ ସଂଗେ ସିଦ୍ଧାନ୍ତ ଗ୍ରହଣ କରିଅଛନ୍ତି ଯେ ପ୍ରତି ଜିଲ୍ଲାର ପ୍ରତ୍ୟେକ କାର୍ଯ୍ୟାଳୟର ଅଧିକାରୀମାନେ ଏଣିକି ସେମାନଙ୍କର ନିଜ ନିଜ କାର୍ଯ୍ୟାଳୟରେ 4ର୍ଥ ଶ୍ରେଣୀ ପଦବୀ ପୂରଣ ପାଇଁ ପ୍ରାର୍ଥୀ–ମନୋନୟନ କରିବେ । ଏହି ମନୋନୟନ କେବଳ ସ୍ଥାନୀୟ ତହସିଲଦାରଙ୍କ ନିକଟରୁ ଆବାସିକ ପ୍ରମାଣ ପତ୍ର ଏବଂ ସ୍ଥାନୀୟ ନିଯୋଜନ କାର୍ଯ୍ୟାଳୟରୁ ବିଧିମାନ୍ୟ ପଞ୍ଜୀକରଣ ପତ୍ର ଗ୍ରହଣ କରିଥିବା ସ୍ଥାନୀୟ ପ୍ରାର୍ଥୀଙ୍କ ମଧ୍ୟରେ ହିଁ କରାଯିବ । ଏଥିପାଇଁ ଆବଶ୍ୟକ ହେଲେ ସେମାନେ ବିଭାଗୀୟ ମନୋନୟନ ବୋର୍ଡ ପ୍ରସ୍ତୁତ କରିପାରିବେ ।

ଉପରୋକ୍ତ ପରିପତ୍ରରେ ଥିବା ଅନ୍ୟ ସମସ୍ତ ନିର୍ଦ୍ଦେଶ ଗୁଡିକ ଅପରିବର୍ତ୍ତିତ ରହିବ ।

ସ୍ୱାଃ
ସ୍ୱତନ୍ତ୍ର ଶାସନ ସଚିବ

S.C.
Pl. put up in file and keep a copy in the guard file.

ଦ.ଅ.ପ୍ର.ଦେ ..........2.

-: 2 :-

ଓଡ଼ିଶା ସରକାର

ସୂଚନା ଓ ଲୋକ ସମ୍ପର୍କ ବିଭାଗ

ଉପର ସଂଖ୍ୟା ପ୍ରତିଲିପି ନଂ 46322 (28) /ସୂଲୋବି., ଭୁବନେଶ୍ୱର, ତା 27.8.89

ବିବି-62/83

ଏହାର ଏକ ବିଭା ନକଲ ଉପ ଶାସନ ସଚିବ/ ସମସ୍ତ ଉପଜିଲ୍ଲା ଅଧିକାରୀ/ସମସ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ / ଆଞ୍ଚଳିକ ସମ୍ପାଦକ (ଗ୍ରାମ୍ୟ ଉନ୍ନୟନ ଦେଶଭାଷ ଓ ଓଡ଼ିଶା ପତ୍ରିକା) / ଉପନିର୍ଦ୍ଦେଶକ/ ସମ୍ପାଦକ / ସୂଚନା ଅଧିକାରୀ ରାଜ୍ୟ ସୂଚନା କେନ୍ଦ୍ର/ ଓଡ଼ିଆ ଅନୁବାଦକଙ୍କ ଜ୍ଞାତାର୍ଥେ ପ୍ରେରଣ କରାଗଲା ।

(ସ୍ୱାକ୍ଷର) 27.8.89

ଉପ ବିଭାଗ ଅଧିକାରୀ